# Prime Minister's Telephone Conversation with Crown Prince Mohd. Bin Salman of Saudi Arabia

March 17, 2020

# ସାଉଦି ଆରବର କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କର ଟେଲିଫୋନ୍ ରେ କଥାବାର୍ତ୍ତା

ମାର୍ଚ୍ଚ 17, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସାଉଦି ଆରବ ରାଜ୍ୟର କ୍ରାଉନ୍ ପ୍ରିନ୍ସ, ମହାମହିମ ମହମ୍ମଦ ବିନ୍ ସଲମାନଙ୍କ ସହିତ ଟେଲିଫୋନ୍ ରେ କଥାବାର୍ତ୍ତା କରିଥିଲେ। ଦୁଇ ନେତା COVID - 19 ମହାମାରୀ ସମ୍ବନ୍ଧରେ ବିଶ୍ୱ ପରିସ୍ଥିତି ଉପରେ ଆଲୋଚନା କରିଥିଲେ।

ଏହି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜକୁ ପର୍ଯ୍ୟାପ୍ତ ରୂପରେ ସମ୍ବୋଧିତ କରିବା ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି, ଯାହାକି କେବଳ ଶହ ଶହ ଲୋକମାନଙ୍କର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ପ୍ରଭାବ ପକାଇ ନାହିଁ ବରଂ ତା ସହିତ ବିଶ୍ୱର ଅନେକ ଭାଗରେ ଅର୍ଥବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଇବ।

ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ SAARC ଦେଶମାନଙ୍କ ମଧ୍ୟରେ ଏକ ଭିଡିଓ ସମ୍ମିଳନୀ ଆୟୋଜନ କରିବା ପାଇଁ ଭାରତର ହାଲରେ ନିଆଯାଇଥିବା ପଦକ୍ଷେପ ବିଷୟରେ ଉଲ୍ଲେଖ କରିଛନ୍ତି।

ଦୁଇ ନେତା ସହମତ ହୋଇଥିଲେ ଯେ G20 ର ନେତାମାନଙ୍କ ସ୍ତରରେ ଏକ ସମାନ ଅଭ୍ୟାସ, G20 ର ଅଧ୍ୟକ୍ଷ ରୂପରେ ସାଉଦି ଆରବର ତତ୍ତ୍ୱାବଧାନରେ ଉଭୟ COVID-19 ର ବିଶ୍ୱ ଜନିତ ପ୍ରକୋପରୁ ଉତ୍ପନ୍ନ ଚ୍ୟାଲେଞ୍ଜ ଗୁଡ଼ିକର ସମାଧାନ ପାଇଁ ନିର୍ଦ୍ଦିଷ୍ଟ ଉପାୟ ଏବଂ ବିଶ୍ୱର ଜନସାଧାରଣଙ୍କ ଭିତରେ ବିଶ୍ୱାସ ଉତ୍ପନ୍ନ କରିବା ପାଇଁ ମଧ୍ୟ ଆଲୋଚନା ବିଶ୍ୱ ସ୍ତରରେ ଉପଯୋଗୀ ହେବ।

ପ୍ରଧାନମନ୍ତ୍ରୀ ଏବଂ କ୍ରାଉନ୍ ପ୍ରିନ୍ସ ନିଷ୍ପତ୍ତି ନେଇଛନ୍ତି ଯେ ସେମାନଙ୍କ ଅଧିକାରୀମାନେ ଏ ସମ୍ପର୍କରେ ଘନିଷ୍ଠ ସମ୍ପର୍କରେ ରହିବେ।

**ନୂଆ ଦିଲ୍ଲୀ**
**ମାର୍ଚ୍ଚ 17, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.